## ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ଦାବିରେ ଆନ୍ଦୋଳନ

# ଚାଷୀଙ୍କ ଶକ୍ତି ପ୍ରଦର୍ଶନ

**ନଳିନୀ କୁମାର ରାଉତ, ଭୁବନେଶ୍ୱର,୧୨।୩:**



ଫଟୋ: ବିଶ୍ୱରଞ୍ଜନ

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୫ହଜାର ଟଙ୍କା, ଚାଷୀଙ୍କୁ ପେନ୍‌ସନ୍, ଋଣଛାଡ଼ ଓ ସାମାଜିକ ସୁରକ୍ଷା ଦାବିରେ ପୁଣି ଆନ୍ଦୋଳନକୁ ଓହ୍ଲାଇଛି ନବ ନିର୍ମାଣ କୃଷକ ସଂଗଠନ। ଆଜି ଲୋୟର୍ ପିଏମ୍‌ଜିରେ ୮ଟି ଜିଲ୍ଲାର ହଜାର ହଜାର ଚାଷୀ ଏକାଠି ହୋଇ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ସେମାନଙ୍କ ନେତାମାନେ ବର୍ଷିଥିଲେ। ଆଜି ବହୁସଂଖ୍ୟାରେ ଚାଷୀ କାନ୍ଧରେ ହଳଲଙ୍ଗଳ ଓ ହାତମୁଠାରେ ଚାଉଳ ଧରି ମାଷ୍ଟରକ୍ୟାଣ୍ଟିନ୍‌ରୁ ଏକ ଶୋଭାଯାତ୍ରାରେ ଲୋୟର୍ ପିଏମ୍‌ଜି ଅଭିମୁଖେ ବାହାରିଥିଲେ। 'ଜୟ ଯବାନ୍ ଜୟ କିଷାନ୍', 'ଚାଷୀଙ୍କୁ ପେନ୍‌ସନ୍ ନାହିଁ ତ ଭୋଟ୍ ନାହିଁ', 'ବିଧାୟକଙ୍କ ଦରମା ବୃଦ୍ଧି କରୁଛ, ଚାଷୀଙ୍କ ଧାନ ଦର ବୃଦ୍ଧି କରୁନ କ'ଣ ପାଇଁ' ଆଦି ସ୍ଲୋଗାନ ଦେଇଥିଲେ।

ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପାଇଁ ଦିବାରାତ୍ର ଧାରଣା ଜାରି ରହିବ ବୋଲି ସେମାନେ ସ୍ପଷ୍ଟ କରିଦେଇଛନ୍ତି। ସଂଗଠନର ରାଜ୍ୟ ଶାଖା ପ୍ରତିଷ୍ଠାତା ଅକ୍ଷୟ କୁମାର ଆଜିଠୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଅନଶନ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ଦିନ ବିଭିନ୍ନ ଜିଲ୍ଲାରୁ ଚାଷୀମାନେ ଧାରଣାରେ ସାମିଲ ହୋଇ ଆନ୍ଦୋଳନକୁ ଜୋର୍‌ଦାର୍ କରିବେ ବୋଲି ସଂଗଠନ କହିଛି। ରାଜ୍ୟର ସମସ୍ତ ବ୍ଲକ୍ ଏବଂ ଗ୍ରାମପଞ୍ଚାୟତରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛି ସଂଗଠନ।

ସଂଗଠନର ଜାତୀୟ ସଂଯୋଜକ ଅକ୍ଷୟ କୁମାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକମାରଣ ନୀତିକୁ ସମାଲୋଚନା କରି କହିଲେ ଯେ, କୃଷିପ୍ରଧାନ ଦେଶରେ ୭୦ ଭାଗ ଚାଷୀ ଅବହେଳିତ ହୋଇ ଆତ୍ମହତ୍ୟା କରୁଛନ୍ତି। ଚାଷୀ ଆତ୍ମହତ୍ୟାକୁ ସରକାର ସ୍ୱୀକାର କରୁନାହାନ୍ତି କି କ୍ଷତିପୂରଣ ଦେଉନାହାନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରତ୍ୟେକ ୬୦ ବର୍ଷ ବୟସର ଚାଷୀଙ୍କୁ ମାସିକ ୫ ହଜାର ଲେଖାଏଁ ସୁରକ୍ଷା ଭତ୍ତା ଦେବା ପାଇଁ ଦାବି ହୋଇଆସୁଛି। ହେଲେ ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଚାଷୀଙ୍କ ପାଇଁ ସରକାର ତୁରନ୍ତ ଚଳିତ ବଜେଟ୍‌ରେ ୨୧,୬୦୦ କୋଟି ବରାଦ କରନ୍ତୁ। ନିର୍ଣ୍ଣାୟକ ମୋଡ଼ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ସଂଗଠନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ କହିଥିଲେ, ସରକାର ଚାଷୀଙ୍କୁ ସମ୍ପୂର୍ଣ୍ଣ ରୂପେ ଋଣମୁକ୍ତ କରିବାର ଗ୍ୟାରେଣ୍ଟି ଦିଅନ୍ତୁ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ

▶▶ ୭